କର୍ଣ୍ଣାଟକ ରାଜ୍ୟ ସଡ଼କ ପରିବହନ ନିଗମ

ବନାମ

ବି. ଏସ୍. ହୁଲିକାଟ୍ଟି

ଜାନୁଆରୀ 22, 2001

[ବି. ଏନ୍. କିରପାଲ୍ ଏବଂ ଶ୍ରୀମତୀ ରୁମା ପାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ*

*ରାଜ୍ୟ ସଡ଼କ ପରିବହନ ନିଗମ— ବସ୍ ପରିଚାଳକ— ଦାୟିତ୍ୱ—ନିର୍ଣ୍ଣୟ ହୋଇଛି ସେ ବିଶ୍ୱାସଯୋଗ୍ୟ ଭାବରେ କାର୍ଯ୍ୟ କରନ୍ତି— ସଠିକ୍ ଭଡ଼ା ସଂଗ୍ରହ କରିବା ଏବଂ ଏହାକୁ ଜମା କରିବା ଆବଶ୍ୟକ— ଜାଣିଶୁଣି ଭଡ଼ା ସଂଗ୍ରହ ନକରିବା କିମ୍ବା ସ୍ୱଳ୍ପ ଭଡା ସଂଗ୍ରହ କରିବା ମନ୍ଦ ଆଚରଣ ଅଟେ ।*

*ସଡ଼କ ପରିବହନ ନିଗମ— ବସ୍ ପରିଚାଳକ— ସ୍ୱଳ୍ପ ଭଡା ସଂଗ୍ରହ— ଉଚିତ ଭଡ଼ା ଆଦାୟ ଠାରୁ କମ୍ ମୂଲ୍ୟର ଟିକେଟ୍ ଜାରି କରିବା— ଘରୋଇ ତଦନ୍ତ— ବରଖାସ୍ତ— ବରଖାସ୍ତ ଆଦେଶକୁ ବାତିଲ କରାଯାଇଛି— ଶ୍ରମ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟ, ପୂର୍ଣ୍ଣ ବକେୟା ମଜୁରୀ ସହିତ ପୁନଃସ୍ଥାପନ ନିର୍ଦ୍ଦେଶ ଦେଇଛନ୍ତି— ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ— ନିର୍ଣ୍ଣୟ ହୋଇଛି, ପରିଚାଳକ ପୂର୍ବରୁ 36 ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି— ରେସ୍ ଇପ୍ସା ଲୋକୁଇଟୁର୍ ନୀତି, ଅର୍ଥାତ୍ ଘଟଣା ନିଜେ ନିଜର ପ୍ରମାଣ ଦିଏ, ଏହି ମାମଲାରେ ସ୍ପଷ୍ଟ ଭାବରେ ପ୍ରଯୁଜ୍ୟ ଅଟେ— ପରିଚାଳକଙ୍କ କାର୍ଯ୍ୟ ଅସାଧୁ ଥିଲା ଅଥବା ଅତ୍ୟନ୍ତ ଅବହେଳାପୂର୍ଣ୍ଣ ଥିଲା— ପରିଚାଳକ ଭାବରେ ତାଙ୍କୁ ଚାକିରିରେ ରଖିବା ଉଚିତ ନଥିଲା, କାରଣ ତାଙ୍କର ଏଭଳି କାର୍ଯ୍ୟ କିମ୍ବା ନିଷ୍କ୍ରିୟତା ଯୋଗୁଁ ଆବେଦନକାରୀ- ନିଗମର ଆର୍ଥିକ କ୍ଷତି ହେବା ନିଶ୍ଚିତ ଥିଲା— ବରଖାସ୍ତ ଆଦେଶକୁ ବାତିଲ କରାଯିବା ଉଚିତ ନଥିଲା— ତେବେ ଏହି ସମୟ ମଧ୍ୟରେ ପରିଚାଳକ ଅବସର ଗ୍ରହଣ କରିସାରିଥିବାରୁ, ତାଙ୍କ ପୁନଃସ୍ଥାପନ ଆଦେଶକୁ ବାତିଲ କରାଯାଇନାହିଁ ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 784/2001

1.10.99 ତାରିଖରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲୁ. ଏ. ସଂଖ୍ୟା 4251/1998 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଆର୍. ଏସ୍. ହେଗଡେ ଏବଂ କେ. ଆର୍. ନାଗରାଜ ଆବେଦନକାରୀଙ୍କ ପାଇଁ ।

ଏସ୍. ରବୀନ୍ଦ୍ର ଭଟ୍ଟ, ନବୀନ ଆର ନାଥ, ସୁଶ୍ରୀ ଲାଲୀ ମୋହିନୀ ଭଟ୍ଟ ଏବଂ ଶିବ କୁମାର ସୁରୀ ଉତ୍ତରଦାତାଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱତନ୍ତ୍ର ଅନୁମତି ମଞ୍ଜୁର କରାଗଲା ।

ବର୍ତ୍ତମାନ ମାମଲାରେ, ଉତ୍ତରଦାତା ଜଣେ ବସ୍ ପରିଚାଳକ ଥିଲେ ଯିଏ ଆବେଦନକାରୀ-ନିଗମ ସହିତ କାମ କରୁଥିଲେ । ଏକ ଘରୋଇ ତଦନ୍ତ କରାଯାଇଥିଲା ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ସେ ବସ୍ ର ଏକ ନିର୍ଦ୍ଦିଷ୍ଟ ଯାତ୍ରାରେ 35 ଜଣ ଯାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଠାରୁ 2.25/-ଟଙ୍କା ଅଦାୟ କରି ସେମାନଙ୍କୁ କେବଳ 1.75/- ଟଙ୍କାର ଟିକେଟ ଜାରି କରିଥିଲେ ।

ଘରୋଇ ତଦନ୍ତର ଫଳସ୍ୱରୂପ, ଉତ୍ତରଦାତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା ।ଶ୍ରମ ଅଦାଲତକୁ ବିଚାରାର୍ଥେ ପ୍ରେରଣ କରାଯାଇଥିବା ଏହି ମାମଲା, ଯାହା ଏହି ଉପସଂହାରରେ ପହଞ୍ଚିଥିଲା ଯେ ଘରୋଇ ତଦନ୍ତ ନିରପେକ୍ଷ କିମ୍ବା ଉପଯୁକ୍ତ ନଥିଲା । ଆବେଦନକାରୀଙ୍କୁ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ଦିଆଯାଇଥିଲା ଯାହା ସେ କରିଥିଲେ ।

ପ୍ରମାଣ ନଥିଭୁକ୍ତ କରିବା ପରେ, ଶ୍ରମ ଅଦାଲତ ଆକ୍ଷେପିତ ଅଧିନିର୍ଣ୍ଣୟ ଦ୍ୱାରା ଏହି ଉପସଂହାରରେ ପହଞ୍ଚି ଥିଲେ ଯେ ପରିଚାଳକ 2.25/-ଟଙ୍କିଆ ଟିକେଟ ବଦଳରେ 1.75/- ଟଙ୍କିଆ ଟିକେଟ୍ ଜାରି କରିଥିବା ଅଭିଯୋଗ ପ୍ରମାଣିତ ହୋଇଥିଲା କିନ୍ତୁ ଏହା ପ୍ରମାଣିତ ହୋଇନଥିଲା ଯେ ସେ ଯାତ୍ରୀଙ୍କ ଠାରୁ 2.25/- ଟଙ୍କା ସଂଗ୍ରହ କରିଥିଲେ । ଶ୍ରମ ଅଦାଲତ ବରଖାସ୍ତର ଆଦେଶକୁ ବାତିଲ କରିଦେଇଛନ୍ତି ଏବଂ ସମ୍ପୂର୍ଣ୍ଣ ବକେୟା ମଜୁରୀ ସହିତ ପୁନଃସ୍ଥାପନ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ-ନିଗମ ଦ୍ୱାରା ଦାଖଲ କରାଯାଇଥିବା ଏକ ଆଜ୍ଞାଦେଶ ଆବେଦନରେ, ଏକକ ବିଚାରପତି, ଶ୍ରମ ଅଦାଲତ ପୁନଃସ୍ଥାପନ ସହିତ 50 ପ୍ରତିଶତ ବକେୟା ମଜୁରୀ ପ୍ରଦାନ କରିଥିବା ତଥ୍ୟକୁ ଉଲ୍ଲେଖ କରିବା ପରେ ଏହାକୁ ଖାରଜ କରିଦେଇଥିଲେ । ଏହା ଏକ ତ୍ରୁଟି ବୋଲି ହୃଦୟଙ୍ଗମ କରି, ଏକକ ବିଚାରପତି ଏହାକୁ ସଂଶୋଧନ କରିଥିଲେ ଏବଂ ସମ୍ପୂର୍ଣ୍ଣ ବକେୟା ମଜୁରୀ ସହିତ ପୁନଃସ୍ଥାପନ ଆଦେଶ ଦେଇଥିଲେ । ଲେଟର ପେଟେଣ୍ଟ ଆବେଦନକୁ ଖାରଜ କରାଯାଇଥିଲା । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଆଗତ କରାଯାଇଛି ।

ଶ୍ରମ ଅଦାଲତ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ ପ୍ରାୟ 35 ଜଣ ଯାତ୍ରୀଙ୍କ ଠାରୁ ଉତ୍ତରଦାତାଙ୍କ ଦ୍ୱାରା କମ୍ ଭଡ଼ା ଆଦାୟ କରାଯାଇଥିଲା । ଆମକୁ ସୂଚନା ଦିଆଯାଇଛି ଯେ ଉତ୍ତରଦାତା ପ୍ରାୟ 22 ବର୍ଷ ଧରି ପରିଚାଳକ ଭାବେ ସେବାରେ ଥିଲେ । ଏହା ବିଶ୍ୱାସ କରିବା କଷ୍ଟକର ଯେ ସଠିକ୍ ଭଡ଼ା କେତେ ହେବ ତାହା ସେ ଜାଣି ନଥିଲେ । ଅଧିକନ୍ତୁ, ଆବେଦନକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମୟରେ ଏହି ତଥ୍ୟକୁ ଧ୍ୟାନରେ ରଖିଥିଲେ ଯେ ଉତ୍ତରଦାତା ବିଭିନ୍ନ ତାରିଖରେ 36 ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଯାହା ହେଉନା କାହିଁକି, ରେସ୍ ଇପ୍ସା ଲୋକୁଇଟୁର୍ ନୀତି, ଅର୍ଥାତ୍ ଘଟଣା ନିଜେ ନିଜର ପ୍ରମାଣ ଦିଏ, ଏହି ମାମଲାରେ ସ୍ପଷ୍ଟ ଭାବରେ ପ୍ରଯୁଜ୍ୟ ଅଟେ । 35 ଜଣ ଯାତ୍ରୀଙ୍କ ଠାରୁ ଟିକେଟ୍ ପିଛା 50 ପଇସା କମ୍ ଭଡା ସଂଗ୍ରହ କରିବା କେବଳ ପରିଚାଳକଙ୍କ ଦ୍ୱାରା ଆର୍ଥିକ ଲାଭ ପାଇବା ପାଇଁ ହୋଇଥାଇପାରେ । ଏହି କାର୍ଯ୍ୟ ହୁଏତ ଅସାଧୁପୂର୍ଣ୍ଣ ଥିଲା କିମ୍ବା ଏତେ ମାତ୍ରାରେ ଗୁରୁତର ଅବହେଳା ଥିଲା ଯେ, ଉତ୍ତରଦାତା, ପରିଚାଳକ ଭାବରେ ଚାକିରିରେ ରହିବା ପାଇଁ ଯୋଗ୍ୟ ନଥିଲେ, କାରଣ ତାଙ୍କର ଏଭଳି କାର୍ଯ୍ୟ କିମ୍ବା ନିଷ୍କ୍ରିୟତା ଯୋଗୁଁ ଆବେଦନକାରୀ-ନିଗମ ଆର୍ଥିକ କ୍ଷତି ସହିବା ନିଶ୍ଚିତ ଅଟେ ।

ଯେତେବେଳେ ଯାଞ୍ଚରୁ ଜଣାପଡ଼େ ଯେ ବସ୍ ପରିଚାଳକମାନେ ଅନେକ ଯାତ୍ରୀଙ୍କୁ ଟିକେଟ୍ ଦେଇନାହାନ୍ତି ଯଦିଓ ଦେବା କଥା କିମ୍ବା ସଠିକ୍ ଭଡ଼ା ପରିବର୍ତ୍ତେ ଜାଣିଶୁଣି ମଧ୍ୟ କମ୍ ଦାମର ଟିକେଟ୍ ଦେଇଛନ୍ତି, ସେଭଳି କ୍ଷେତ୍ରରେ ଶ୍ରମ ଅଦାଲତ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇବା ଭୁଲ୍ ଅଟେ । ଯାତ୍ରୀମାନଙ୍କଠାରୁ ସଠିକ୍ ଭଡ଼ା ସଂଗ୍ରହ କରିବା ଏବଂ କମ୍ପାନୀରେ ଜମା କରିବା ବସ୍ ପରିଚାଳକଙ୍କ ଦାୟିତ୍ୱ ଅଟେ । ସେମାନେ ଏକ ବିଶ୍ୱାସଯୋଗ୍ୟ ଭାବରେ କାର୍ଯ୍ୟ କରନ୍ତି

ଏବଂ ଯଦି ସେମାନେ ଜାଣିଶୁଣି କୌଣସି ଭଡ଼ା କିମ୍ବା ସଠିକ୍ ପରିମାଣର ଭଡ଼ା ସଂଗ୍ରହ କରନ୍ତି ନାହିଁ ତେବେ ଏହା ଏକ ଗୁରୁତର ମନ୍ଦ ଆଚରଣ ମାମଲା ହେବ ।

ଆମ ମତରେ, ବରଖାସ୍ତ ଆଦେଶକୁ ବାତିଲ କରାଯିବା ଉଚିତ ନଥିଲା, କିନ୍ତୁ ଆମକୁ ସୂଚନା ଦିଆଯାଇଛି ଯେ ଏହି ସମୟ ମଧ୍ୟରେ ଉତ୍ତରଦାତା ନିଜ ଚାକିରିରୁ ଅବସର ଗ୍ରହଣ କରିସାରିଛନ୍ତି । ତେଣୁ, ଆମେ ଏହି ମାମଲାର ବିଶେଷ ତଥ୍ୟକୁ ଆଧାର କରି, ଚାକିରିରେ ପୁନଃସ୍ଥାପନ ଆଦେଶକୁ ଅଗ୍ରାହ୍ୟ କରୁନାହୁଁ, କିନ୍ତୁ ନିର୍ଦ୍ଦେଶ ଦେଉଛୁ ଯେ ଉତ୍ତରଦାତା କୌଣସି ବକେୟା ମଜୁରି ପାଇବାକୁ ଯୋଗ୍ୟ ହେବେ ନାହିଁ, ମାତ୍ର ସେ ଅବସରକାଳୀନ ସୁବିଧା ପାଇବାକୁ ଯୋଗ୍ୟ ହେବେ ।

ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଆବେଦନର ଫଏସଲା କରାଗଲା ।

ଟି. ଏନ୍. ଏ. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।